# NATIONAL NEWS BULLETIN (ODIA)

## 7 September - 2025

## Morning Bulletin : 7.15 A.M.

**********************************

## ମୁଖ୍ୟ ସମ୍ବାଦ

- ଜିଏସ୍‌ଟି ସଂସ୍କାର ଦେଶର କୃଷି କ୍ଷେତ୍ର ସମେତ ସମବାୟ ଓ ପରିବହନ କ୍ଷେତ୍ରରେ ପରିବର୍ତ୍ତନ ଆଣିବ ବୋଲି କେନ୍ଦ୍ର ସରକାରଙ୍କ ସୂଚନା ।
- ୨୪ଘଣ୍ଟା ମଧ୍ୟରେ ଇସ୍ରାଏଲର ଦୁଇଟି ବଡ ଆକ୍ରମଣରେ ଗାଜାର ଦୁଇଟି ବଡ ଆବାସିକ କୋଠା ଧ୍ୱଂସ୍ତ ।
- ଭୁବନେଶ୍ୱରରେ ଆୟୋଜନ ହେବ ୨୮ତମ **ITTF-ATTU** ଏସୀୟ ଟେବୁଲ ଟେନିସ୍ ପ୍ରତିଯୋଗିତା ।

ଏବଂ

- ଏସିଆ କପ୍ ହକି ଚମ୍ପିଆନ୍‌ସିପର ଫାଇନାଲରେ ଆଜି ମୁହାଁମୁହିଁ ହେବେ ଭାରତ ଓ କୋରିଆ ।

# ଶିବରାଜ-ଜିଏସ୍ ଫାର୍ମର୍ସ

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଛନ୍ତି ନୂଆ ଜିଏସ୍‌ଟି ଦର ଏବଂ ସ୍ଲାବରେ କରାଯାଇଥିବା ପରିବର୍ତ୍ତନ ଯୋଗୁଁ କୃଷି କ୍ଷେତ୍ରରେ ସୁପ୍ରଭାବ ପଡିବ । ଭୋପାଳରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଚୌହ୍ୱାନ କହିଛନ୍ତି ଜିଏସ୍‌ରେ କରାଯାଇଥିବା ପରିବର୍ତ୍ତନ କ୍ଷୁଦ୍ର ଏବଂ ମଧ୍ୟମ ଧରଣର କୃଷକମାନଙ୍କ ପାଇଁ ଲାଭଦାୟକ ହେବ । କୃଷି ଉପକରଣ ଉପରେ ଜିଏସ୍‌ଟି ହାର ହ୍ରାସ କରାଯାଇଥିବାରୁ ଚାଷକାର୍ଯ୍ୟ ଖର୍ଚ୍ଚ ହ୍ରାସ ପାଇବ, ଫଳରେ କୃଷକମାନଙ୍କୁ ଅଧିକ ଲାଭ ମିଳିପାରିବ ।

ଶ୍ରୀ ଚୌହ୍ୱାନ କହିଛନ୍ତି ଜୈବ କୀଟନାଶକ ଏବଂ କ୍ଷୁଦ୍ର ପୁଷ୍ଟିସାର ଉପରେ ଜିଏସ୍‌ଟି ହ୍ରାସ କରାଯାଇଥିବାରୁ ତାହା କେବଳ ଚାଷୀଙ୍କୁ ଲାଭ ଦେବନାହିଁ ବରଂ ରାସାୟନିକ ସାର ବଦଳରେ ଜୈବିକ ସାର ବ୍ୟବହାର କରିବାକୁ ପ୍ରୋତ୍ସାହିତ କରିବ । ଦୁଗ୍ଧ କ୍ଷେତ୍ରରେ କ୍ଷୀର ଏବଂ ପନିର୍ ଉପରୁ ଜିଏସ୍‌ଟି ସମ୍ପୂର୍ଣ୍ଣ ଉଚ୍ଛେଦ ହେବା ପରେ ଉପଭୋକ୍ତା ମାନଙ୍କ ସହ ଚାଷୀ ଗୋପାଳକ ଏବଂ କ୍ଷୀର ଉତ୍ପାଦକମାନେ ଲାଭାନ୍ୱିତ ହେବେ ବୋଲି ସେ କହିଛନ୍ତି ।

ମନ୍ତ୍ରୀ ଶ୍ରୀ ଚୌହ୍ୱାନ ଏନ୍‌ଡିଏ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ନାଗରିକମାନଙ୍କ

ଜୀବନଧାରଣକୁ ସହଜ କରାଯାଇଛି । କୃଷି ଉପକରଣ ଟ୍ରାକ୍ଟର, ହାର୍ଭେଷ୍ଟର ଏବଂ ରୋଟାଭେଟର ଉପରେ ଜିଏସ୍‌ଟି ହାର ୫ ପ୍ରତିଶତ କରାଯାଇଥିବାରୁ କୃଷି କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଘଟିବ ବୋଲି ସେ କହିଛନ୍ତି ।

**V/O (Shivraj Chouhan)**

## ଜିଏସ୍‌ଟି ରିଟର୍ଣ୍ଣ-ଟ୍ରାନ୍ସପ୍ରୋଟେସନ ଅଫ୍ ଗୁଡ୍ସ

ଗତମାସ ୧୫ ତାରିଖରେ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୀପାବଳି ସୁଦ୍ଧା ପରବର୍ତ୍ତୀ ପୀଢ଼ିର ଜିଏସ୍‌ଟି ସଂସ୍କାର ବିଷୟରେ ଘୋଷଣା କରିଥିଲେ । ଅଧିକ ଦକ୍ଷ ଏବଂ ନାଗରିକ ଅନୁକୂଳ ଅର୍ଥନୀତି ଲାଗି ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଫଳପ୍ରଦ ହୋଇଛି । ସାଧାରଣ ଲୋକଙ୍କ ଆଶା-ଆକାଂକ୍ଷାକୁ ପୂରଣ କରିବାକୁ ଯାଇ ଜିଏସ୍‌ଟି ପରିଷଦ ପରୋକ୍ଷ ଟିକସ ବ୍ୟବସ୍ଥାରେ ୫, ୧୨, ୧୮ ଏବଂ ୨୮ ପ୍ରତିଶତର ଚତୁଃସ୍ତରୀୟ ସ୍ଲାବକୁ ମାତ୍ର ୫ ଓ ୧୮ ପ୍ରତିଶତର ଦୁଇସ୍ତରୀୟ ସ୍ଲାବକୁ ପରିବର୍ତ୍ତନ କରିଛି । ଫଳରେ ନାଗରିକମାନଙ୍କ ଜୀବନକୁ ସହଜ କରିବା ପାଇଁ ଅନେକ କ୍ଷେତ୍ରରେ ଟିକସ ହାର ହ୍ରାସ ପାଇଛି ।

ଚଳିତମାସ ୨୨ ତାରିଖରୁ ଲାଗୁ ହେବାକୁ ଥିବା ଜିଏସ୍‌ଟି ସଂସ୍କାର ସାମଗ୍ରୀ ପରିବହନ କ୍ଷେତ୍ରରେ ମଧ୍ୟ ବଡ଼ ପରିବର୍ତ୍ତନ ଆଣିବ । ଜିଏସ୍‌ଟି ପରିଷଦରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଅନୁଯାୟୀ ଟ୍ରକ୍, ବସ୍ ଏବଂ ଡେଲିଭରି ଭ୍ୟାନ୍ ସମେତ ବାଣିଜ୍ୟିକ ଯାନଗୁଡ଼ିକ ଉପରେ ୧୦ ପ୍ରତିଶତ

ଜିଏସ୍‌ଟି ହାର ହ୍ରାସ ପାଇଛି । ପୂର୍ବରୁ ଏହା ୨୮ ପ୍ରତିଶତ ଥିବାବେଳେ ଏବେ ଏହା ୧୮ ପ୍ରତିଶତକୁ ହ୍ରାସ କରାଯାଇଛି । ଏହାଫଳରେ ମାଲ ପରିବହନ ଏବଂ ସାଧାରଣ ପରିବହନ କ୍ଷେତ୍ରରେ ଏକ ପ୍ରଭାବଶାଳୀ ପରିବର୍ତ୍ତନ ଘଟିବ । ଅନ୍ୟପକ୍ଷରେ ତୃତୀୟପକ୍ଷ ବୀମା ଉପରେ ଜିଏସ୍‌ଟି ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଥିବାରୁ ଯାନବାହନ ମଧ୍ୟ ସୁଲଭ ହୋଇପାରିବ ।

## ଜିଏସ୍‌ଟି-କୋଅପରେସନ ମିନିଷ୍ଟ୍ରି

ଜିଏସ୍‌ଟି ସଂସ୍କାର ସମବାୟ କ୍ଷେତ୍ରକୁ ମଜଭୁତ କରିବା ସହ ସେମାନଙ୍କ ଉତ୍ପାଦଗୁଡ଼ିକୁ ଆହୁରି ପ୍ରତିଯୋଗିତାମୂଳକ କରିବ ବୋଲି କେନ୍ଦ୍ର ସରକାର କହିଛନ୍ତି । ଏହାଦ୍ୱାରା ସମବାୟ କ୍ଷେତ୍ରର ଉତ୍ପାଦଗୁଡ଼ିକର ଚାହିଦା ବୃଦ୍ଧି ପାଇବ ଏବଂ ଆୟ ବୃଦ୍ଧି ଘଟିବ । ଏକ ବିବୃତ୍ତିରେ ସମବାୟ ମନ୍ତ୍ରଣାଳୟ କହିଛି ଯେ ଜିଏସ୍‌ଟି ସଂସ୍କାର ଗ୍ରାମୀଣ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ସହ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପକୁ ମଧ୍ୟ ସହାୟକ ହେବ । ଫଳରେ ଲକ୍ଷଲକ୍ଷ ପରିବାର ଉପକୃତ ହେବେ । ଏଥିଯୋଗୁଁ ସମବାୟ, ଚାଷୀ, ଗ୍ରାମୀଣ ଉଦ୍ୟୋଗ ଏବଂ ଦେଶର ୧୦କୋଟିରୁ ଅଧିକ ଦୁଗ୍ଧ ଚାଷୀ ଲାଭବାନ ହେବେ । ଜିଏସ୍‌ଟି ହାର ହ୍ରାସ ପାଇବା ଫଳରେ କୃଷି ଏବଂ ପଶୁପାଳନରେ ସମବାୟ କ୍ଷେତ୍ର ଲାଭାନ୍ୱିତ ହେବା ସହ ସ୍ଥାୟୀ କୃଷି ପଦ୍ଧତି ଆହୁରି ବିକାଶଲାଭ କରିବ । ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଅନେକଗୁଡ଼ିଏ ଦୁଗ୍ଧଜାତ ଦ୍ରବ୍ୟକୁ ଜିଏସ୍‌ଟି ମୁକ୍ତ

କରାଯାଇଥିବାବେଳେ ଅନ୍ୟକେତେକ ଉତ୍ପାଦ ଉପରେ ଟିକସ ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଫଳରେ ଆଗାମୀ ଦିନରେ ଦୁଗ୍ଧ ଚାଷୀମାନେ ଲାଭାନ୍ୱିତ ହେବା ସହ ଏହି କ୍ଷେତ୍ର ପ୍ରତିଯୋଗିତାମୂଳକ ହେବ । ଅନ୍ୟପକ୍ଷରେ ୧୮ଶହ ସିସିରୁ କମ୍ ଟ୍ରାକ୍ଟର ଉପରେ ଜିଏସ୍‌ଟି ୫ ପ୍ରତିଶତକୁ ହ୍ରାସ କରାଯାଇଥିବାରୁ କ୍ଷୁଦ୍ର ଚାଷୀମାନେ ମଧ୍ୟ ଏହାର ବ୍ୟବହାର କରିପାରିବେ ।

## ନିର୍ମଳା-ଜିଏସ୍‌ଟି

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ନାଗରିକମାନେ ଯେଭଳି ଜିଏସ୍‌ଟି ସଂସ୍କାରର ଲାଭ ପାଇବେ ତାହା ଉପରେ ସେ ବ୍ୟକ୍ତିଗତ ଭାବେ ଧ୍ୟାନ ଦେବେ । ଏକ ଗଣମାଧ୍ୟମ ସଂସ୍ଥା ସହିତ ସାକ୍ଷାତ୍‌କାର ଅବସରରେ ଅର୍ଥମନ୍ତ୍ରୀ କହିଛନ୍ତି ସାରା ଦେଶର ଲୋକମାନେ ଜିଏସ୍‌ଟି ସଂସ୍କାରକୁ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଛନ୍ତି । ଯଦି ନାଗରିକମାନଙ୍କୁ ଲାଭ ନ ମିଳିବ ତେବେ ତାହା ଜଣାଇବା ଲାଗି ସେ ଅନୁରୋଧ କରିଛନ୍ତି । ସେ କହିଛନ୍ତି ଜିଏସ୍‌ଟି କ୍ଷେତ୍ରରେ ଆହୁରି ସଂସ୍କାର ଆଣିବା ଲାଗି ସରକାରୀ ସ୍ତରରେ ପ୍ରୟାସ କରାଯିବ ।

## ଇସ୍ରାଏଲ ଗାଜା ଆଟାକ୍

ଇସ୍ରାଏଲୀ ସେନା ଗାଜା ସହରର ୧୫ମହଲା ବିଶିଷ୍ଟ ଏକ ଆବାସିକ କୋଠା ସୁଶୀ ଟାୱାରକୁ ଧ୍ୱଂସ କରିଛି । ଗତ ୨୪ଘଣ୍ଟା ମଧ୍ୟରେ

ଏହା ଦ୍ୱିତୀୟ ବଡଧରଣର ଆକ୍ରମଣ ବୋଲି କୁହାଯାଇଛି । ଇସ୍ରାଏଲ ସେନାବାହିନୀ ଗାଜାରେ ଆକ୍ରମଣ ଜୋର୍‌ଦାର କରିବା ଆରମ୍ଭ କରିଛି ଏବଂ କହିଛି ଯେଉଁ କୋଠାକୁ ଧ୍ୱଂସ କରାଯାଇଛି ତାହା ହମାସ୍ ଦ୍ୱାରା ବ୍ୟବହାର କରାଯାଉଥିଲା; କିନ୍ତୁ ପାଲେଷ୍ଟାଇନ୍ ସଂଗଠନ ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଇଛି । ଏହି ଆକ୍ରମଣରେ କେତେଜଣଙ୍କ ମୃତ୍ୟୁ ଘଟିଛି ତାହା ଅସ୍ପଷ୍ଟ ରହିଥିଲେ ମଧ୍ୟ ଅନେକ ପରିବାର ବିଶେଷକରି ପାଲେଷ୍ଟାଇନ୍ ଅଧିବାସୀମାନେ ଆକ୍ରମଣର ଶିକାର ହୋଇଥିବା କୁହାଯାଇଛି ।

ଇସ୍ରାଏଲ ସେନା ଏହାପୂର୍ବରୁ ଗାଜାର ପଶ୍ଚିମାଞ୍ଚଳ ସହରରେ ଏକ ୧୩ମହଲା ବିଶିଷ୍ଟ ମୁସ୍ତାହା ଟାୱାରକୁ ଧ୍ୱଂସ କରିଥିଲେ । ଇସ୍ରାଏଲ ସେନା ପକ୍ଷରୁ ପାଲେଷ୍ଟାଇନ୍ ମାନଙ୍କୁ ନିରାପଦ ସ୍ଥାନକୁ ଚାଲିଯିବା ଲାଗି କୁହାଯାଇଛି । ବିଶେଷକରି ଗାଜାର ଦକ୍ଷିଣାଞ୍ଚଳକୁ ଚାଲିଯିବାକୁ ସେନା ପରାମର୍ଶ ଦେଇଛି । ୨୪ଘଣ୍ଟା ମଧ୍ୟରେ ଦୁଇଦୁଇଟି ବଡ ଧରଣର ଆକ୍ରମଣକୁ ନେଇ ଜାତିସଂଘ ଚିନ୍ତାପ୍ରକଟ କରିଛି ।

# ପିଏମ୍-ଗାଏନା ପ୍ରେଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଭୟ ସାଧାରଣ ଏବଂ ଆଞ୍ଚଳିକ ନିର୍ବାଚନରେ ବିଜୟଲାଭ କରିଥିବାର ଗାଏନାର ରାଷ୍ଟ୍ରପତି ଇରଫାନ ଅଲ୍ଲୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ

ପ୍ରଧାନମନ୍ତ୍ରୀ କହିଛନ୍ତି ଆଗାମୀ ଦିନରେ ଭାରତ-ଗାଏନା ସହଭାଗିତା ଆହୁରି ବୃଦ୍ଧି ହେବ ଏବଂ ଦୁଇଦେଶ ମଧ୍ୟରେ ଥିବା ଜନସମ୍ପର୍କ ଦୃଢ଼ ହେବ ।

ଗାଏନା ରାଷ୍ଟ୍ରପତି ଇରଫାନ ଅଲ୍ଲୀ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବାର୍ତ୍ତାର ଉତ୍ତରରେ କହିଛନ୍ତି ଭାରତ ସରକାର ଏବଂ ଭାରତର ଲୋକଙ୍କ ସହିତ ପୂର୍ବରୁ ଥିବା ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କକୁ ଆହୁରି ଆଗକୁ ନେବାକୁ ତାଙ୍କ ଦେଶ ଆଗ୍ରହୀ ।

ବୈଦେଶିକ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ୧୯୬୫ ମସିହାରୁ ଭାରତ ଏବଂ ଗାଏନା ମଧ୍ୟରେ କୂଟନୈତିକ ସମ୍ପର୍କ ରହିଛି । ସେହି ସମୟରେ ଭାରତ ଜର୍ଜଟାଉନ୍‌ରେ ଏକ କମିସନ ପ୍ରତିଷ୍ଠା କରିଥିଲା । ୧୯୬୬ ମସିହା ମେ' ମାସ ୨୬ ତାରିଖରେ ଗାଏନା ସ୍ୱାଧୀନତା ଲାଭ କଲାପରେ ସେଠାରେ ଉଚ୍ଚାୟୁକ୍ତ ନିଯୁକ୍ତ କରାଯାଇଥିଲା ।

## ଶିଳ୍ପାସେଟି ଚିଟିଂ କେସ୍

୬୦ କୋଟି ଟଙ୍କା ଠକେଇ ମାମଲାରେ ଅଭିନେତ୍ରୀ ଶିଳ୍ପା ସେଟି ଏବଂ ତାଙ୍କ ସ୍ୱାମୀ ରାଜ୍ କୁନ୍ଦ୍ରାଙ୍କ ବିରୋଧରେ ଲୁକ୍‌ଆଉଟ୍ ସର୍କୁଲାର ଜାରି କରାଯାଇଛି । ମୁମ୍ବାଇ ପୁଲିସର ଅର୍ଥନୈତିକ ଅପରାଧ ଶାଖା ଏହି ମାମଲାର ତଦନ୍ତ କରୁଛି । ଉଭୟ ଶିଳ୍ପା ଏବଂ ତାଙ୍କ ସ୍ୱାମୀଙ୍କ ବିରୋଧରେ ଲୁକ୍‌ଆଉଟ୍ ସର୍କୁଲାର ଶାଖା ଜାରି କରିବା ପାଇଁ ଅର୍ଥନୈତିକ ଅପରାଧ

ଶାଖା ପ୍ରବାସନ ବିଭାଗକୁ ଆବଶ୍ୟକୀୟ ଦସ୍ତାବିଜ୍ ପ୍ରଦାନ କରିଛି । ଆସନ୍ତା ସପ୍ତାହରେ ଉଭୟଙ୍କୁ ପୋଲିସ ସମନ କରିବାର ସମ୍ଭାବନା ରହିଛି ।

# ଏସିଆନ୍ ଟେବୁଲ ଟେନିସ୍

ଭାରତ ଆସନ୍ତା ଅକ୍ଟୋବର ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ୨୮ତମ ଆଇଟିଟିଏଫ୍-ଏଟିଟିୟୁ ଏସୀୟ ଟେବୁଲ ଟେନିସ ଆୟୋଜନ କରିବ । ଏହି ପ୍ରତିଯୋଗିତା ଭୁବନେଶ୍ୱରରେ ଅନୁଷ୍ଠିତ ହେବ । ଗତକାଲି ଭାରତୀୟ ଟେ୍ବଲ ଟେନିସ୍ ସଂଘ ଏହି ଘୋଷଣା କରିଛି । ଏଥିରେ ପୁରୁଷ ଏବଂ ମହିଳା ଦଳଗତ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିରେ ଯେଉଁ ଦଳ ଯୋଗ୍ୟତା ଅଜର୍ନ କରିବେ, ୨୦୨୬ ଆଇଟିଟିଏଫ୍ ବିଶ୍ୱ ଚମ୍ପିଆନ୍‌ସିପ୍ ପାଇଁ ଯୋଗ୍ୟତା ଅର୍ଜନ କରିବେ । ଆଇଟିଟିଏଫ୍ ବିଶ୍ୱ ଚମ୍ପିୟାନସିପ୍‌ରେ ପ୍ରତ୍ୟେକ ବର୍ଗର ଶ୍ରେଷ୍ଠ ୧୩ ଦଳ ସ୍ଥାନ ପାଇବ ।

ପ୍ରଥମଥର ପାଇଁ ଓଡ଼ିଶା ଏସୀୟସ୍ତରୀୟ ଟେବୁଲ ଟେନିସ ପ୍ରତିଯୋଗିତା ଆୟୋଜନ କରିବ । ପୂର୍ବରୁ ୨୦୧୯ କମନୱେଲ୍‌ଥ ଟେବୁଲ ଟେନିସ୍ ପ୍ରତିଯୋଗିତା ଓଡ଼ିଶାରେ ଆୟୋଜିତ ହୋଇଥିଲା । ସାମ୍ପ୍ରତିକ ବର୍ଷ ଗୁଡ଼ିକରେ ଭୁବନେଶ୍ୱରରେ ଅନେକ ଗୁଡ଼ିଏ ପ୍ରମୁଖ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ହୋଇଥିବାରୁ ଭୁବନେଶ୍ୱରକୁ ଭାରତର କ୍ରୀଡ଼ା ରାଜଧାନୀ ଭାବେ ମଧ୍ୟ ସ୍ୱୀକୃତି ମିଳିଛି ।

## ଏସିଆ କପ୍ ହକି

ଭାରତୀୟ ପୁରୁଷ ହକିଦଳ ବିହାରର ରାଜଗିରଠାରେ ଚାଲିଥିବା ଏସିଆକପ୍ ହକି ଚମ୍ପିଆନ୍‌ସିପର ସୁପର-୪ ପର୍ଯ୍ୟାୟ ଶେଷ ମ୍ୟାଚ୍‌ରେ ଚୀନ୍‌କୁ ୭-୦ରେ ପରାସ୍ତ କରିଛି । ଫଳରେ ଭାରତ ଫାଇନାଲ ମ୍ୟାଚ୍ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଛି । ସୁପର-୪ରେ ଭାରତ ଶୀର୍ଷରେ ରହିଛି । ଆଜି ସଂଧ୍ୟା ୭ଟା ୩୦ ମିନିଟ୍‌ରେ ଭାରତ ଏବଂ କୋରିଆ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ।

ସୁପର-୪ର ଅନ୍ୟଏକ ମ୍ୟାଚ୍‌ରେ ଗତକାଲି କୋରିଆ ୪-୩ ଗୋଲ୍‌ରେ ମାଲେସିଆକୁ ପରାସ୍ତ କରିଛି । ଏହି ପ୍ରତିଯୋଗିତାର ୫ମରୁ ୮ମ ସ୍ଥାନ ଯାଏଁ ଅନୁଷ୍ଠିତ ମ୍ୟାଚ୍‌ରେ କାଜାକସ୍ତାନ ଚାଇନିଜ୍ ତାଇପେଇଙ୍କୁ ୬-୪ ଗୋଲରେ ପରାସ୍ତ କରିଛି ।

## ୱାର୍ଲ୍ଡ ବକ୍ସିଂ ଚାମ୍ପିୟନସିପ

ଇଂଲଣ୍ଡର ଲିଭରପୁଲ୍‌ରେ ଚାଲିଥିବା ବିଶ୍ୱ ଚମ୍ପିଆନ୍‌ସିପ୍‌ରେ ଭାରତର ମୁଷ୍ଟିଯୋଦ୍ଧା ନିଖତ ଜରିନ ୫୧ କିଲୋଗ୍ରାମ ବର୍ଗରେ ପ୍ରଥମ ପର୍ଯ୍ୟାୟରେ ବିଜୟ ହାସଲ କରିଛନ୍ତି । ୩୨ତମ ରାଉଣ୍ଡରେ ସେ ଆମେରିକାର ଜେନିଫର ଲୋଜାନୋଙ୍କୁ ୫-୦ରେ ପରାସ୍ତ କରିଛନ୍ତି ।

ଏବେ ନିଖତ ଜରିନ ପ୍ରି-କ୍ୱାର୍ଟରଫାଇନାଲରେ ଜାପାନର ୟୁନା ନିଶିନାକାଙ୍କ ସହ ମୁକାବିଲା କରିବେ ।

ମହିଳା ୭୫ କିଲୋଗ୍ରାମ ବର୍ଗରେ ଦ୍ୱିତୀୟ ରାଉଣ୍ଡରେ ଲୋଭୋଲିନା ଗୋରଗୋହିନ ତୁର୍କୀର ବୁଶରା ଇସିଲଗାରଙ୍କ ଠାରୁ ପରାସ୍ତ ହୋଇଥିବାବେଳେ ୬୦ କିଲୋଗ୍ରାମ ବର୍ଗରେ ସଞ୍ଜୁ ପୋଲାଣ୍ଡର ଖେଲାଳିଙ୍କଠାରୁ ପରାସ୍ତ ହୋଇଛନ୍ତି । ପୁରୁଷ ୭୦ କିଲୋଗ୍ରାମ ବର୍ଗରେ ହିତେଶ ଗୁଲିଆ ପରାସ୍ତ ହୋଇଥିବାଲେ ୬୦ କିଲୋଗ୍ରାମ ବର୍ଗରେ ସଚିନ ଅଷ୍ଟ୍ରେଲିଆର ଜାକବ କାଶାରଙ୍କ ସହ ମୁକାବିଲା କରିବେ ।